# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 25 January – 2026

*********************************

## ମୁଖ୍ୟ ସମ୍ବାଦ

- ଦେଶ ଆସନ୍ତାକାଲି ପାଳନ କରିବ ୭୭ତମ ଗଣତନ୍ତ୍ର ଦିବସ

— ଆଉ କିଛି ସମୟ ମଧ୍ୟରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ ରାଷ୍ଟ୍ରପତି

- ଶିଳ୍ପ ଓ ଷ୍ଟାର୍ଟଅପ୍ ଉଦ୍ୟୋଗ ସହ ଜଡିତ ଯୁବବର୍ଗଙ୍କୁ ଗୁଣବତ୍ତା ଉପରେ ଗୁରୁତ୍ୱ ଦେବାକୁ ଆକାଶବାଣୀର ମନ୍ କୀ ବାତ୍‌ରେ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

- କେନ୍ଦ୍ର ସରକାରଙ୍କ ପକ୍ଷରୁ ଚଳିବର୍ଷ ପାଇଁ ଘୋଷଣା ହେଲା ପଦ୍ମ ପୁରସ୍କାର; ଓଡ଼ିଶାରୁ ୪ ଜଣ ମନୋନିତ

— ରାଜ୍ୟର ୪ ଜଣଙ୍କୁ ସାହସିକତା ପଦକ; ବିଶିଷ୍ଟ ସେବା ପାଇଁ ୨ ଜଣଙ୍କୁ ମିଳିବ ରାଷ୍ଟ୍ରପତି ପଦକ

ଏବଂ

- ୩୭ତମ ସର୍ବଭାରତୀୟ ଲାଲମନୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଆସନ୍ତାକାଲି ସମ୍ବଲପୁର ଏବଂ ଭୁବନେଶ୍ୱର ମଧ୍ୟରେ ହେବ ଫାଇନାଲ ମ୍ୟାଚ୍

## ପ୍ରେଜ୍ - ଆଡ୍ରେସ୍ ଟୁ ନେସନ୍

ଦେଶ ଆସନ୍ତାକାଲି ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବ। ଏହାର ଅବ୍ୟବହିତ ପୂର୍ବରୁ ଆଉ କିଛି ସମୟ ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ। ଆଜି ସନ୍ଧ୍ୟା ୭ଟାରେ ଆକାଶବାଣୀର ସମସ୍ତ ଜାତୀୟ ନେଟ୍‌ୱାର୍କ ଏବଂ ଦୂରଦର୍ଶନ ଚ୍ୟାନେଲ୍‌ରେ ହିନ୍ଦୀ ଏବଂ ପରେ ପରେ ଇଂରାଜୀ ଭାଷାରେ ଏହା ପ୍ରସାରିତ ହେବ । ଦୂରଦର୍ଶନର ବିଭିନ୍ନ ଆଞ୍ଚଳିକ ଚ୍ୟାନେଲ୍‌ରେ ସ୍ଥାନୀୟ ଭାଷାରେ ଏହାର ପ୍ରସାରଣ କରାଯିବ। ଆକାଶବାଣୀରେ ରାତି ୯ଟା ୩୦ ମିନିଟ୍‌ରେ ଅଭିଭାଷଣର ଅନୁବାଦ ଆଞ୍ଚଳିକ ଭାଷାରେ ପ୍ରସାରିତ ହେବ ।

## ରିପବ୍ଲିକ୍ ଡେ ପରେଡ

୭୭ତମ ଗଣତନ୍ତ୍ର ଦିବସ ଅବସରରେ ଆସନ୍ତାକାଲି ରାଷ୍ଟ୍ରପତି ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଗଣତନ୍ତ୍ର ଦିବସ ପରେଡ୍ ପୂର୍ବାହ୍ଣ ସାଢ଼େ ୧୦ଟାରେ ଆରମ୍ଭ ହେବ।

ଚଳିତବର୍ଷ ଗଣତନ୍ତ୍ର ଦିବସର ବିଷୟବସ୍ତୁ ରହିଛି 'ସ୍ୱତନ୍ତ୍ରତାର ମନ୍ତ୍ର : ବନ୍ଦେ ମାତରମ୍' ଏବଂ 'ସମୃଦ୍ଧି କା ମନ୍ତ୍ର : ଆତ୍ମନିର୍ଭର ଭାରତ'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଗଣତନ୍ତ୍ର ଦିବସ କାର୍ଯ୍ୟକ୍ରମ ଆରମ୍ଭ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କର୍ତ୍ତବ୍ୟ ପଥରେ ପହଞ୍ଚିବା ପରେ ତାଙ୍କୁ ମାର୍ଚ୍ଚପାଷ୍ଟ ମାଧ୍ୟମରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ଏଥିରେ ସେନାବାହିନୀର ଯବାନ ଅର୍ଦ୍ଧ ସାମରିକ

ବାହିନୀ, ବେସାମରିକ ବାହିନୀ, ଏନ୍.ସି.ସି ଏବଂ ଏନ୍,ଏସ୍.ଏସ୍.ର ସଦସ୍ୟମାନେ ଅଂଶଗ୍ରହଣ କରିବେ। ଚଳିତବର୍ଷ ପରେଡ୍‌ରେ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋସ୍ତା ଏବଂ ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର ଲିୟେନ୍ ମୁଖ୍ୟଅତିଥି ଭାବେ ଯୋଗ ଦେବେ।

ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ, କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ଓ ମନ୍ତ୍ରଣାଳୟର ୩୦ଟି ପ୍ରଜ୍ଞାପନ ମେଢ ପରେଡରେ ପ୍ରଦର୍ଶିତ ହେବ। ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତିର ସ୍ୱତନ୍ତ୍ର ଗାନ ଏବଂ ବିଭିନ୍ନ କ୍ଷେତ୍ରରେ ଭାରତର ଦ୍ରୁତ ପ୍ରଗତି ସମ୍ପର୍କିତ ଦୃଶ୍ୟ ଏହି ପ୍ରଜ୍ଞାପନ ମେଢ଼ରେ ସ୍ଥାନ ପାଇବ। ତିନିବାହିନୀ ପକ୍ଷରୁ 'ଅପରେସନ୍ ସିନ୍ଦୂର : ମିଳିତ ଉଦ୍ୟମରେ ବିଜୟ' ସମ୍ପର୍କରେ ସ୍ୱତନ୍ତ୍ର ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହେବ।

## ପଦ୍ମ ପୁରସ୍କାର

ସରକାରଙ୍କ ପକ୍ଷରୁ ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ପୁରସ୍କାର ଆଜି ଘୋଷଣା କରାଯାଇଛି। କିମ୍ବଦନ୍ତୀ ଅଭିନେତା ଧର୍ମେନ୍ଦ୍ର ସିଂ ଦେଓଲଙ୍କୁ ମରଣୋତ୍ତର ପଦ୍ମ ବିଭୂଷଣ ପୁରସ୍କାର ପାଇଁ ମନୋନିତ କରାଯାଇଛି। ତାଙ୍କ ସହ ଅନ୍ୟ ୪ ଜଣଙ୍କ ନାମ ଏହି ପୁରସ୍କାର ପାଇଁ ଘୋଷଣା କରାଯାଇଛି। ୧୩ ଜଣଙ୍କୁ ପଦ୍ମଭୂଷଣ ଏବଂ ୧୧୩ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ ପାଇଁ ମନୋନିତ କରାଯାଇଛି। ସାହିତ୍ୟ ଓ ଶିକ୍ଷା ପାଇଁ ଓଡ଼ିଶାର ଚରଣ ହେମ୍ବ୍ରମ୍, ମହେନ୍ଦ୍ର କୁମାର ମିଶ୍ର, କଳା ପାଇଁ ଶରତ କୁମାର ପାତ୍ର ଏବଂ ସୀମାଞ୍ଚଳ ପାତ୍ରଙ୍କ ନାମ ପଦ୍ମଶ୍ରୀ ପୁରସ୍କାର ଲାଗି ଘୋଷଣା କରାଯାଇଛି।

## ପଦକ-ଗଣତନ୍ତ୍ର ଦିବସ

ଗଣତନ୍ତ୍ର ଦିବସ ଅବସରରେ ପୁଲିସ୍, ଅଗ୍ନିଶମ, ଗୃହରକ୍ଷୀ ଏବଂ ବେସାମରିକ ପ୍ରତିରକ୍ଷା ସେବାର ମୋଟ୍, ୯୮୨ ଜଣ କର୍ମଚାରୀଙ୍କୁ ସାହସିକତା ଏବଂ ସେବା ପଦକ ପାଇଁ ମନୋନିତ କରାଯାଇଛି । ଏଥିରେ ଓଡ଼ିଶାର ମୋଟ୍ ୪ ଜଣଙ୍କୁ ସାହସିକତା ପଦକ, ୨ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତିଙ୍କ ପଦକ ଏବଂ ୧୧ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି ।

## ମନ୍ କୀ ବାତ୍

ଶିଳ୍ପ ଏବଂ ଷ୍ଟାଟ୍ଅପ୍ ଉଦ୍ୟୋଗ ସହ ଜଡିତ ଯୁବବର୍ଗଙ୍କୁ ଗୁଣବତ୍ତା ଉପରେ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ  ନରେନ୍ଦ୍ର ମୋଦୀ ପରାମର୍ଶ ଦେଇଛନ୍ତି । ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରି ଶ୍ରୀ ମୋଦୀ ଉତ୍ପାଦିତ ହେଉଥିବା ସାମଗ୍ରୀଗୁଡ଼ିକର ଗୁଣବତ୍ତାକୁ ଉନ୍ନତ କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ୨୦୧୬ ଜାନୁଆରୀ ମାସରେ ଦେଶରେ ଷ୍ଟାର୍ଟଅପ୍ ଇଣ୍ଡିଆ ଅଭିଯାନ ଆରମ୍ଭ ହୋଇଥିଲା । ଭାରତ ଆଜି ବିଶ୍ୱର ତୃତୀୟ ସର୍ବବୃହତ୍ ଷ୍ଟାର୍ଟଅପ୍ ଇକୋ-ସିଷ୍ଟମ ପାଲଟିଛି ।

**- V/O - (PM)**

ଶ୍ରୀ ମୋଦୀ କହିଛନ୍ତି, ମତଦାତା ଗଣତନ୍ତ୍ରର ଆତ୍ମା ।  ପ୍ରଥମଥର ପାଇଁ ଭୋଟର ତାଲିକାରେ ସାମିଲ ହୋଇଥିବା  ଯୁବବର୍ଗଙ୍କୁ ଅଭିନନ୍ଦନ । ଏହାଦ୍ୱାରା ମତଦାନ  ପାଇଁ ସଚେତନତା ବୃଦ୍ଧି ପାଇବା ସହ ଭୋଟର

ହେବାର ଗୁରୁତ୍ୱପୂର୍ଣ୍ଣ ଭାବନାକୁ ପ୍ରତିଫଳନ କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଶ୍ରୀ ମୋଦୀ କହିଛନ୍ତି, ଆସନ୍ତାକାଲି ଦେଶ ଗଣତନ୍ତ୍ର ଦିବସ ପାଳନ କରିବ । ଏହି ଦିନ ହିଁ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା । ସମ୍ବିଧାନର ପ୍ରତିଷ୍ଠାତଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର ଏହା ହେଉଛି ଏକ ବିଶେଷ ଦିବସ ।

ଆସନ୍ତାମାସରେ ଅନୁଷ୍ଠିତ ହେବାକୁ ଯାଉଥିବା ଭାରତ ଏଆଇ ଇମ୍ପାକ୍ଟ ସମ୍ମିଳନୀ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଭାରତର ପ୍ରଗତି ଏବଂ ସଫଳତାକୁ ବିଶ୍ୱସ୍ତରରେ ପ୍ରତିପାଦନ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

# ପ୍ରେସିଡେଣ୍ଟ

ଷୋଡଶ ଜାତୀୟ ମତଦାତା ଦିବସ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ମୋ ଭାରତ, ମୋ ଭୋଟ୍ : ଭାରତୀୟ ଗଣତନ୍ତ୍ରର କେନ୍ଦ୍ରରେ ନାଗରିକ" । ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଜି ନୂଆଦିଲ୍ଲୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ମତଦାନ କେବଳ ଏକ ରାଜନୈତିକ ଅଭିବ୍ୟକ୍ତି ନୁହେଁ ବରଂ ଦେଶର ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ପ୍ରତି ନାଗରିକଙ୍କ ବିଶ୍ୱାସର ପ୍ରତିଫଳନ। ଏହି ଅବସରରେ ରାଷ୍ଟ୍ରପତି ନୂତନ ଭାବେ ପଞ୍ଜିକୃତ ଯୁବ ଭୋଟରମାନଙ୍କୁ ଭୋଟର ଫଟୋ ପରିଚୟ ପତ୍ର ପ୍ରଦାନ କରିଥିଲେ।

ଭୋଟର ଶିକ୍ଷା ସଚେତନତା ଉପରେ ଉତ୍କୃଷ୍ଟତା ପ୍ରତିପାଦନ କରିଥିବାରୁ ଗତବର୍ଷ ପାଇଁ ନୂଆଦିଲ୍ଲୀ ଆକାଶବାଣୀ ସମ୍ବାଦ ସେବା ବିଭାଗକୁ ବୈଦ୍ୟୁତିକ ରେଡିଓ ବର୍ଗରେ ପୁରସ୍କୃତ କରାଯାଇଛି। ଯୁବବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆଜି ଏକ ପଦଯାତ୍ରାର ମଧ୍ୟ ଆୟୋଜନ କରାଯାଇଥିଲା।

## ମତଦାତା ଦିବସ-ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଜାତୀୟ ମତଦାତା ଦିବସ ପାଳନ କରାଯାଉଛି।

**ବରଗଡ଼**ରେ ଆୟୋଜିତ କାର୍ଯ୍ୟକ୍ରମରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଆଦିତ୍ୟ ଗୋଏଲ ଏହି ଅବସରରେ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ।

**କେନ୍ଦୁଝର**ରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣତନ୍ତ୍ରରେ ମତଦାନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା।

**କେନ୍ଦ୍ରାପଡ଼ା**ରେ ଜିଲ୍ଲାପାଳ ରଘୁରାମ ଆର.ଆୟାର ସୁଦୃଢ଼ ଗଣତନ୍ତ୍ର ଗଠନରେ ଯୁବପିଢିଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

**ବୌଦ୍ଧ** ଜିଲ୍ଲାରେ ମତଦାତାମାନଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ନୟାଗଡ଼** ଜିଲ୍ଲାରେ ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହେବା ସହ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

**ନୂଆପଡା** ଜିଲ୍ଲାପାଳ ମଧୁସୂଦନ ଦାଶ ନୂଆପଡା ଉପନିର୍ବାଚନ ସୁପରିଚାଳନା ପାଇଁ ଏହି ଅବସରରେ ସମ୍ମାନିତ ହୋଇଛନ୍ତି।

**ଯାଜପୁର**ରେ ଜିଲ୍ଲାପାଳ ଅମ୍ବର କୁମାର କର ସଚେତନତା ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ।

**ଦେବଗଡ଼** ଜିଲ୍ଲାରେ ଆୟୋଜିତ ସଚେତନତା ରଥ ଓ ଶୋଭାଯାତ୍ରା କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

**ସୁବର୍ଣ୍ଣପୁର** ଜିଲ୍ଲାରେ ଏହି ଅବସରରେ ନୂତନ ଯୁବ ଭୋଟରଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରାଯାଇଥିଲା।

**ରାୟଗଡ଼ା**ରେ ଭୋଟରେ ଦିବସ ଉପଲକ୍ଷେ ଉପଜିଲ୍ଲାପାଳ ରମେଶ କୁମାର ଜେନା ନୂତନ ଭୋଟରମାନଙ୍କୁ ପରିଚୟପତ୍ର ପ୍ରଦାନ ସହ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ।

## ନିଶାଦ୍ରବ୍ୟ-ବିଜ୍ଞପ୍ତି

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ରାଜ୍ୟରେ ପାନମସଲା, ଗୁଟ୍‌ଖା, ଖଇନୀ ଆଦି ନିଶାଦ୍ରବ୍ୟଗୁଡ଼ିକ ଉପରେ ସରକାରଙ୍କ ପକ୍ଷରୁ ପ୍ରତିବନ୍ଧକ ଲଗାଯିବା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସାଧାରଣ ଲୋକ ସରକାରଙ୍କର ନିଷେଧାଜ୍ଞା ପାଳନ କରି ସୁସ୍ଥ ଓ

ତମାଖୁମୁକ୍ତ ଓଡ଼ିଶା ଗଠନ କରିବାରେ ସରକାରଙ୍କୁ ସାହାଯ୍ୟ କରିବା ପାଇଁ ବିଜ୍ଞପ୍ତିରେ କୁହାଯାଇଛି ।

## ଭୂମି ପୂଜନ-କେ.ଭି

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଆଜି କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକ୍‌ର ଲୁଗୁମ ଗାଁରେ ଏକ ପାୱାରଗ୍ରୀଡ୍ ସବ୍‌ଷ୍ଟେସନ ଏବଂ ପଟାଙ୍ଗୀ ବ୍ଲକ୍‌ର କୋଟିଆ ପଞ୍ଚାୟତରେ ଏକ ବିଦ୍ୟୁତ୍ ସବ୍‌ଷ୍ଟେସନ୍‌ର ଭୂମିପୂଜନ କରିଛନ୍ତି । ସୀମାନ୍ତ ଅଞ୍ଚଳ କୋଟିଆର ଜନସାଧାରଣଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ରାଜ୍ୟ ସରକାର ସମସ୍ତ ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଆଭାସୀ ଜରିଆରେ ତାଳଚେର ଅନୁଗୁଳ ରୋଡରେ ନିର୍ମିତ ଘଣ୍ଟପଡା ରେଳ ଓଭରବ୍ରିଜ୍‌ର ଲୋକାର୍ପଣ କରିଛନ୍ତି । ୪୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ଫ୍ଲାଏଓଭର ବ୍ରିଜ୍ ଅଂଚଳବାସୀଙ୍କ ଦୀର୍ଘ ଦିନର ଟ୍ରାଫିକ୍ ସମସ୍ୟାର ସମାଧାନ କରିବା ସହ ବିକାଶର ଗତିକୁ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ସଡକ ସୁରକ୍ଷା

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା **ମାଲକାନଗିରି** ଠାରେ ଆଜି ବରିଷ୍ଠ ଅଧିକାରୀମାନଙ୍କ ସହିତ  ସରକାରଙ୍କ ପକ୍ଷରୁ ନିଆଯାଉଥିବା ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିଛନ୍ତି । ଏହା ବ୍ୟତୀତ ଜିଲ୍ଲା ଖଣିଜ ଅଧିକାରୀଙ୍କ ସହିତ ଜିଲ୍ଲାର କ୍ଷୁଦ୍ର ଓ ବୃହତ୍ ଖଣିଜ କ୍ଷେତ୍ର ସମ୍ପର୍କରେ ପଚାରି ବୁଝିଥିଲେ ।

## ମାଘସପ୍ତମୀ ବୁଡ଼

ପବିତ୍ର ମାଘସପ୍ତମୀ ଅବସରରେ କୋଣାର୍କ ଚନ୍ଦ୍ରଭାଗାଠାରେ ଆଜି ଶ୍ରଦ୍ଧାଳୁମାନେ ଆସ୍ଥାର ବୁଡ଼ ପକାଇଛନ୍ତି ।

ଭୁବନେଶ୍ୱର ଖଣ୍ଡଗିରିଠାରେ ଆଜିଠାରୁ କୁମ୍ଭମେଳା ଆରମ୍ଭ ହୋଇଛି ।

## ଲାଲମନୀ କ୍ରିକେଟ

**ସୁବର୍ଣ୍ଣପୁର** ସହରର ଗାନ୍ଧୀପଡିଆଠାରେ ଚାଲିଥିବା ୩୭ତମ ସର୍ବଭାରତୀୟ ଲାଲମନୀ କ୍ରିକେଟ୍ କପ୍ ୨୦୨୬ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଆଜି ଏମ୍‌ଏମ୍‌ସିସି ସମ୍ବଲପୁର ଦଳ  ନବଜୀବନ କ୍ରିକେଟ୍ କ୍ଲବ୍ ସୁନ୍ଦରଗଡ଼କୁ ୬୪ ରନ୍‌ରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛି । ଆସନ୍ତାକାଲିର ଫାଇନାଲ୍ ମ୍ୟାଚରେ ବାପୁଜୀ କ୍ରିକେଟ୍ କ୍ଲବ୍ ଭୁବନେଶ୍ୱର ଏବଂ ଏମଏମ୍‌ସିସି ସମ୍ବଲପୁର ମଧ୍ୟରେ ଖେଳାଯିବ ।

## ଫୁଟ୍‌ବଲ

**ବୌଦ୍ଧ** ଜିଲ୍ଲା ତିଳେଶ୍ୱରଠାରେ ଚାଲିଥିବା ଫୁଟବଲ୍ ମ୍ୟାଚରେ ଆଜି ସୁନ୍ଦରଗଡ଼ ଦଳ ୩/୦ ଗୋଲରେ ସୋନପୁରକୁ ହରାଇ ପ୍ରଥମ ସେମିଫାଇନାଲରେ ପ୍ରବେଶ କରିଛି । ଆସନ୍ତାକାଲି ଆଫ୍ରିକା-୧୧ ଓ ସୁନ୍ଦରଗଡ଼ ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ ।